# NATIONAL NEWS BULLETIN (ODIA)
## 02nd September - 2024
## Morning Bulletin : 7.15 a.m.

********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବିଚାରାଧୀନ ମାମଲାଗୁଡ଼ିକୁ ହ୍ରାସ କରିବାପାଇଁ ସମାଧାନର ପନ୍ଥା ବାହାର କରିବା ଉପରେ ଗୁରୁତ୍ୱ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ଗତବର୍ଷ ଅଗଷ୍ଟ ମାସ ତୁଳନାରେ ୧୦ ପ୍ରତିଶତ ବୃଦ୍ଧି ପାଇଲା ଚଳିତ ବର୍ଷର ଜି.ଏସ୍.ଟି. ସଂଗ୍ରହ ।
- ଆୱାମୀ ଲିଗ୍ ଉପରେ ପ୍ରତିବନ୍ଧକ ଲଗାଇବା ସଂକ୍ରାନ୍ତ ଆବେଦନକୁ ବାଂଲାଦେଶର ଏକ ହାଇକୋର୍ଟଙ୍କଦ୍ୱାରା ଖାରଜ ।

ଏବଂ

- ପ୍ୟାରିସ୍ ପାରା ଅଲିମ୍ପିକ୍ସ-୨୦୨୪ରେ ଗତକାଲିର ରୌପ୍ୟ ପଦକ ସହ ଭାରତର ପଦକ ସଂଖ୍ୟା ୭କୁ ବୃଦ୍ଧି ।

## ରାଷ୍ଟ୍ରପତି - ନ୍ୟାୟପାଳିକା

ବିଚାରାଧୀନ ମାମଲାଗୁଡ଼ିକୁ ହ୍ରାସ କରିବା ନ୍ୟାୟପାଳିକା ପାଇଁ ଏକ ବଡ଼ ଆହ୍ୱାନ ହୋଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ଜିଲ୍ଲା ନ୍ୟାୟପାଳିକାର ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ଗତକାଲି ସମ୍ବୋଧିତ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ସମସ୍ତ ଅଂଶୀଦାର ଏକାଠି ହୋଇ ବିଚାରାଧୀନ ମାମଲାଗୁଡ଼ିକୁ ହ୍ରାସ କରିବା ଲକ୍ଷ୍ୟରେ ସମାଧାନର ପନ୍ଥା ବାହାର କରିବା ଉଚିତ । ଏପରିକି କେତେକ ଅତି ଗୁରୁତ୍ୱପୂର୍ଣ୍ଣ ମାମଲା ଫଇସଲା ହେବାରେ ପ୍ରାୟ ୩୨ ବର୍ଷ ସମୟ ଲାଗୁଛି ବୋଲି ସେ କହିଛନ୍ତି । ଫଳରେ ଦେଶର ଗରିବ ଶ୍ରେଣୀ ଲୋକେ କୋର୍ଟ କଚେରିକୁ ଆସିବାପାଇଁ ଆତ୍ମବିଶ୍ୱାସ ହରାଉଛନ୍ତି । କୋର୍ଟରେ ମାମଲା ଲଢ଼ିବା ଅପେକ୍ଷା ସେମାନଙ୍କ ପ୍ରତି ଘଟୁଥିବା ଘଟଣାକୁ ସହ୍ୟ କରିବାକୁ ସେ ଉଚିତ ମଣୁଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ପରିସ୍ଥିତିକୁ ବଦଳାଇବାପାଇଁ ସମସ୍ତେ ସହଯୋଗ ପ୍ରଦାନ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ନ୍ୟାୟପାଳିକାର ଭିତ୍ତିଭୂମି ତଥା ଅନ୍ୟାନ୍ୟ କ୍ଷେତ୍ରରେ ଉନ୍ନତି ଆଣିବାରେ କେନ୍ଦ୍ର

ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ତେବେ ଏ କ୍ଷେତ୍ରରେ ଆହୁରି ଅଧିକ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ଦେଶରେ ଗଣତନ୍ତ୍ରକୁ ରକ୍ଷା କରିବା ଦିଗରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ କହିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ସୁପ୍ରିମ୍‌କୋର୍ଟର ନୂଆ ପତାକା ଏବଂ ପ୍ରତୀକକୁ ଉନ୍ମୋଚନ କରିଛନ୍ତି । ଉନ୍ମୋଚିତ ପତାକାରେ ଭାରତର ଐତିହ୍ୟ ଓ ସଂସ୍କୃତି ପ୍ରତିପଳିତ ହୋଇଛି । ସେହିଭଳି ଉନ୍ମୋଚିତ ପ୍ରତୀକ ଧର୍ମର ଜୟ ହୋଇଥାଏ ବୋଲି ସୂଚିତ କରୁଛି ।

ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ତାଙ୍କ ଅଭିଭାଷଣରେ ସୁପ୍ରିମ୍‌କୋର୍ଟ ୭୫ ବର୍ଷର ଯାତ୍ରାକୁ ପୂରା କରିଥିବାରୁ ଗର୍ବ ବୋଲି କହିଛନ୍ତି।

ଏହି ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ବିଚାରାଧୀନ ମାମଲା ହ୍ରାସ ସଂକ୍ରାନ୍ତ କମିଟି ମାମଲା ପରିଚାଳନା ଜରିଆରେ ଏହାକୁ ହ୍ରାସ କରିବା ପାଇଁ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ସେ ଆହୁରି କହିଛନ୍ତି, ଲୋକ ଅଦାଲତ ମାଧ୍ୟମରେ ବିଭିନ୍ନ ସମୟରେ କୋର୍ଟରେ ବିଚାରାଧୀନ ଥିବା ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି । ଇତିମଧ୍ୟରେ ସୁପ୍ରିମ୍‌କୋର୍ଟର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ପ୍ରାୟ ଏକ ହଜାର ମାମଲାର ଆପୋଷ ସମାଧାନ ହୋଇଛି ବୋଲି ପ୍ରଧାନ ବିଚାରପତି କହିଛନ୍ତି ।

# ପି.ଏମ୍. - ଏ.ପି.-ତେଲଙ୍ଗାନା ସି.ଏମ୍.

ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ପ୍ରବଳ ବର୍ଷାଜନିତ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ବନ୍ୟା ସ୍ଥିତି ନେଇ ଆଲୋଚନା କରିଛନ୍ତି ।

# ଜି.ଏସ୍.ଟି. ସଂଗ୍ରହ

ଗତମାସରେ ଦେଶରେ ଦ୍ରବ୍ୟ ଓ ସେବା କର ବାବଦରେ ୧ ଲକ୍ଷ ୭୫ ହଜାର କୋଟି ଟଙ୍କା ସଂଗ୍ରହ ହୋଇଛି । ଗତବର୍ଷ ଅଗଷ୍ଟ ମାସ ତୁଳନାରେ ଏହା ୧୦ ପ୍ରତିଶତ ଅଧିକ । ଏଥି ମଧ୍ୟରେ କେନ୍ଦ୍ରୀୟ ଟିକସ ବାବଦରେ ୩୦ ହଜାର ୮୬୨ କୋଟି ଏବଂ ରାଜ୍ୟ ଟିକସ ବାବଦରେ ୩୮ ହଜାର ୪୧୧ କୋଟି ଟଙ୍କା ରହିଛି । ଗତବର୍ଷ ଅଗଷ୍ଟ ମାସରେ ୧ ଲକ୍ଷ ୫୯ ହଜାର କୋଟି ଟଙ୍କା ଜି.ଏସ୍.ଟି. ସଂଗୃହୀତ ହୋଇଥିଲା । ଏହି ମାସରେ ଆମଦାନୀ ଏବଂ ଆନ୍ତଃରାଜ୍ୟ ବ୍ୟବସାୟ ବାବଦରେ ସମନ୍ୱିତ ଜି.ଏସ୍.ଟି. ସଂଗ୍ରହ ୯୩ ହଜାର ୬୨୧ କୋଟି ଟଙ୍କା ହୋଇଛି ।

ଘରୋଇ ରାଜସ୍ୱ ୯ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାରେ ପହଞ୍ଚିଥିବାବେଳେ ସମାଗ୍ରୀ ଆମଦାନୀରୁ ମୋଟ୍ ଜି.ଏସ୍.ଟି. ୧୨ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇଁ ୪୯ ହଜାର ୯୭୬ କୋଟି ଟଙ୍କାରେ ହୋଇଛି । ଗତମାସ ଶେଷ ସୁଦ୍ଧା ଦେଶରେ ମୋଟ୍ ଜି.ଏସ୍.ଟି. ବାବଦରେ ୮ ଲକ୍ଷ ୭ ହଜାର କୋଟି ଟଙ୍କା ସଂଗ୍ରହ ହୋଇଛି । ପୂର୍ବ ବର୍ଷର ଏହି ସମୟସୀମା ସୁଦ୍ଧା ହୋଇଥିବା ଜି.ଏସ୍.ଟି. ସଂଗ୍ରହର ଏହା ୧୦ ଦଶମିକ ୨ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି ।

## ବି.ଜେ.ପି. - ମେମ୍ବରସିପ୍

ବି.ଜେ.ପି.ର ପୁରାତନ ସଦସ୍ୟଙ୍କର ପୁନଃ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଦସ୍ୟତା ପୁନଃ ନବୀକରଣରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଶ୍ରୀ ମୋଦିଙ୍କ ସଦସ୍ୟତା ପୁନଃ ନବୀକରଣ ସଂକ୍ରାନ୍ତ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ମାସ ୧୦ ତାରିଖ ସୁଦ୍ଧା ଏହି ନବୀକରଣ କାର୍ଯ୍ୟ ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ଆସନ୍ତା ୨୫ ତାରିଖ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ଶେଷପାଇଁ ପଦକ୍ଷେପ ନିଆଯାଉଛି । ଦଳର

ୱେବ୍‌ସାଇଟ୍, ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟ୍‌ଫର୍ମ ତଥା ମିସ୍‌ଡ୍ କଲ୍ ମାଧ୍ୟମରେ ଏହି ନବୀକରଣ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି ।

## ବାଂଲାଦେଶ – ହାଇକୋର୍ଟ

ବାଂଲାଦେଶର ରାଜନୈତିକ ଦଳ ଆୱାମି ଲିଗ୍ ଉପରେ ପ୍ରତିବନ୍ଧକ ଲଗାଯିବା ସହ ଏହାର ପଞ୍ଜୀକରଣକୁ ରଦ୍ଦ କରିବା ସଂକ୍ରାନ୍ତ ଆବେଦନକୁ ବାଂଲାଦେଶର ଏକ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଗଣ ଆନ୍ଦୋଳନ ସମୟରେ ଛାତ୍ର ଏବଂ ସାଧାରଣ ଜନତାଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଆଗତ ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ବାଂଲାଦେଶର ରିପୋର୍ଟ ଅନୁଯାୟୀ ମାନବାଧିକାର ସଙ୍ଗଠନ 'ସାରଦା'ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆରିଫୁର ରେହମାନ ମୁଦା ଭୂୟାଁ ଗତମାସ ୧୯ ତାରିଖରେ ହାଇକୋର୍ଟରେ ଏହି ଆବେଦନ ଦାଖଲ କରିଥିଲେ । ସେହିଭଳି ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ ସଂସ୍କାର ପାଇଁ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ୩ ମାସର ସମୟ ସୀମା ଦେବାକୁ ମଧ୍ୟ ଏହି ଆବେଦନରେ ଅନୁରୋଧ କରାଯାଇଥିଲା ।

# ପଶ୍ଚିମବଙ୍ଗ - ଡାକ୍ତର ପ୍ରତିବାଦ

ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ପଶ୍ଚିମବଙ୍ଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । କୋଲ୍‌କାତା ସହରର ବିଭିନ୍ନ ସ୍ଥାନରେ ଗତକାଲି ର୍‍ୟାଲି ଦେଖିବାକୁ ମିଳିଥିଲା । ନାଗରିକ ସମାଜର ଶୋଭାଯାତ୍ରାରେ କଳାକାର, ଡାକ୍ତର, ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ଯୋଗ ଦେଇଥିଲେ । କଲେଜ ଛକରୁ ବାହାରିଥିବା ଏହି ଶୋଭାଯାତ୍ରା ଧରମ୍‌ତାଲାରେ ଶେଷ ହୋଇଥିଲା । ନାଗରିକ ସମାଜର ପ୍ରତିନିଧିମାନେ ସାରାରାତି ଧରମ୍‌ତାଲାରେ ଧାରଣାରେ ବସିଛନ୍ତି ।

ଦକ୍ଷିଣ କୋଲ୍‌କାତାର ଗୋଲ୍‌ପାର୍କସ୍ଥିତ ରାମକୃଷ୍ଣ ମିଶନ ସଂସ୍କୃତି ପ୍ରତିଷ୍ଠାନରୁ ଏକ ଶୋଭାଯାତ୍ରା ବାହାରିଥିଲା । ଏଥିରେ ପ୍ରତିଷ୍ଠାନର ପୁରାତନ ଛାତ୍ରଛାତ୍ରୀ ମଧ୍ୟ ଯୋଗ ଦେଇଥିଲେ ।

ସେହିଭଳି ଦକ୍ଷିଣ କୋଲ୍‌କାତାର ୧୦ଟି ସ୍କୁଲ୍‌ର ପୂର୍ବତନ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଲାନ୍ସଡାଉନ୍‌ରୁ ହାଜରା ଛକ ପର୍ଯ୍ୟନ୍ତ ଯାଇଥିଲେ ।

ଅନ୍ୟପକ୍ଷରେ ଆର୍.ଜି. କର ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର କନିଷ୍ଠ ଡାକ୍ତରଙ୍କ ପକ୍ଷରୁ କୋଲ୍‌କାତାର ଅନ୍ୟ ୬ଟି ସ୍ଥାନରେ 'ଅଭୟ କ୍ଲିନିକ' ଆରମ୍ଭ କରାଯାଇଛି । ସୂଚନାଯୋଗ୍ୟ, ଗତକାଲି ଆର୍.ଜି. କର ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ କନିଷ୍ଠ ଡାକ୍ତରଙ୍କ ପକ୍ଷରୁ ପ୍ରଥମ 'ଅଭୟ କ୍ଲିନିକ୍'

ଆରମ୍ଭ କରାଯାଇଥିଲା । ମାଗଣାରେ ଟେଲି-ମେଡିସିନ୍ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ 'ଭେକ୍ଟରବାହିତ ରୋଗର ଲକ୍ଷଣ, ପ୍ରତିରୋଧ ଓ ନିରାକରଣ' ଶୀର୍ଷକ ଆଲୋଚନାର ପ୍ରସାରଣ କରାଯିବ । ନ୍ୟାସନାଲ ସେଣ୍ଟର ଫର ଭେକ୍ଟର ବୋର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲ'ର ନିର୍ଦ୍ଦେଶକ ଡାକ୍ତର ତନୁ ଜୈନ ଏବଂ ଏମ୍ସର କମ୍ୟୁନିଟି ମେଡିସିନ୍ ପ୍ରଫେସର ଡାକ୍ତର ପୁନୀତ ମିଶ୍ର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on

air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

## ପାରା ଅଲିମ୍ପିକ୍ସ

ପ୍ୟାରିସ ପାରା ଅଲିମ୍ପିକ୍ସ-୨୦୨୪ର ଚତୁର୍ଥ ଦିନର ପ୍ରତିଯୋଗିତା ମଧ୍ୟରେ T47 ପୁରୁଷ ଉଚ୍ଚ ଡିଆଁ ବର୍ଗରେ ଭାରତର ନିଶାଦ କୁମାର ରୌପ୍ୟ ପଦକ ହାସଲ କରିଛନ୍ତି । ଏଥିସହ ଭାରତର ପଦକ ସଂଖ୍ୟା ୭ରେ ପହଞ୍ଚିଛି । ଏଥିରେ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ ଓ ୪ଟି ବ୍ରୋଞ୍ଜ୍ ପଦକ ଅନ୍ତର୍ଭୁକ୍ତ ।

T35 ମହିଳା ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ପ୍ରୀତି ପାଲ୍ କାଂସ୍ୟ ପଦକ ହାସଲ କରିଛନ୍ତି । ଚଳିତ ଅଲିମ୍ପିକ୍ସ ପ୍ରତିଯୋଗିତାରେ ଏହା ତାଙ୍କର ଦ୍ୱିତୀୟ ପଦକ । ପୂର୍ବରୁ T35 ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ମଧ୍ୟ ସେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ । ତାଙ୍କର ଏହି ସଫଳତାପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ପଦକ ବିଜୟୀ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ସହ ଟେଲିଫୋନ୍ ମାଧ୍ୟମରେ ଆଲୋଚନା କରିଥିଲେ ।

ଅନ୍ୟାନ୍ୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ମହିଳା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ SU5 ବର୍ଗରେ ତୁଳସିମାଥି ମୁର୍ଗେସନ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଚୀନ୍‌ର କ୍ୟୁ ସିଆ ୟାଙ୍ଗ୍’ଙ୍କ ବିରୋଧରେ ଆଜି ଫାଇନାଲ୍ ମ୍ୟାଚ୍ ଖେଳିବେ । ଏହି ବର୍ଗରେ ବ୍ରୋଞ୍ଜ୍ ପଦକ ପାଇଁ ଭାରତର ମନୀଷା ରାମଦାଶ ଏବଂ ଡେନ୍‌ମାର୍କ କାଥ୍ରିନ୍ ରୋଜେଙ୍ଗ୍‌ରେନ୍’ଙ୍କ ମଧ୍ୟରେ ମୁକାବିଲା ହେବ ।

SL3 ପୁରୁଷ ସିଙ୍ଗଲ୍‌ସ୍ ବ୍ୟାଡ୍‌ମିଣ୍ଟନ ବର୍ଗରେ ନୀତେଶ କୁମାର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ସ୍ୱର୍ଣ୍ଣପଦକ ପାଇଁ ଗ୍ରେଟ୍ ବ୍ରିଟେନ୍‌ର ବେଥେଲ୍ ଡାନିଏଲ୍‌ଙ୍କ ସହ ମୁକାବିଲା ହେବ ।

SL4 ପୁରୁଷ ସିଙ୍ଗଲ୍‌ସ୍ ବ୍ୟାଡ୍‌ମିଣ୍ଟନ ବର୍ଗରେ ସୁହାସ ୟଥିରାଜ ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଟୋକିଓ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ଲୁକାସ୍ ମାଜୁର୍‌ଙ୍କ ସହ ଫାଇନାଲ୍ ମ୍ୟାଚ୍ ଖେଳିବେ ।

ସେହିଭଳି ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ୍ ପଦକ ପାଇଁ ସୁକାନ୍ତ କଦମ ଏବଂ ଇଣ୍ଡୋନେସିଆ ଫ୍ରେଡି ସେଟିଆୱାନ୍‌ଙ୍କ ସହ ମୁକାବିଲା ହେବ ।

WS4 ଟେବୁଲ୍ ଟେନିସ୍ ଖେଳାଳି ଭାବିନାବେନ୍ ପଟେଲ୍ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

*****